# ODM PUBLIC SCHOOL

**SESSION : 1**
**CLASS : V**
**SUBJECT : ଓଡିଆ**
**CHAPTER NUMBER: 02**
**CHAPTER NAME : ଉପଯୁକ୍ତ ବେଶ ପକାଇ ଆସ**
**SUBTOPIC : ଉପକ୍ରମ ,ପଠନକ୍ରିୟା ,ଲେଖକ ପରିଚୟ**

CHANGING YOUR TOMORROW

# LEARNING OBJECTIVE

ସ୍ପଷ୍ଟ ଓ ନିର୍ଭୁଲ ପଠନକ୍ରିୟା ।

# ଉପଯୁକ୍ତ ବେଶ ପକାଇ ଆସ !

ମନୋଜ ଦାସ



ଗୋଟିଏ ରାଜ୍ୟ ଜୟ କଲେ ରାଜା ତାଙ୍କ ପୋଷାକରେ ଖଣ୍ଡିଏ ନୂଆ ହୀରା ଲଗାନ୍ତି । ରାଜ୍ୟ ପରେ ରାଜ୍ୟ, ଚାରି ଛଅ ରାଜ୍ୟ ଜୟ କରି, ପଗଡ଼ି ଓ ପରିଧେୟରେ ଚାରି ଛଅ ଟେକା ହୀରା ଝଲସାଇ ରାଜା ନିଜ ନଅରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ।

ଡେରା ପଡ଼ିଥିଲା ଗୋଟିଏ ପର୍ବତର ପାଦଦେଶରେ । ଦୁଇ-ରାଜ୍ୟ ମଝିରେ ଏଇଟା ଗୋଟାଏ ଜନହୀନ-ପ୍ରାୟ ବଣ ମୁଲକ ।

ସୈନ୍ୟବାହିନୀ ଶୋଇ ପଡ଼ିଥିଲେ । ରାଜା ତାଙ୍କ ଶିବିର ବାହାରେ ନିଶାର୍ଦ୍ଧରେ ପଦଚାରଣା କରୁଥିଲେ । ହଠାତ୍ ସମ୍ମୁଖବର୍ତ୍ତୀ ପର୍ବତ ଉପରେ ଏକ ଅଦ୍ଭୁତ ନୀଳାଭ ଆଲୋକ ତାଙ୍କର ଦୃଷ୍ଟିଗୋଚର ହେଲା । ତାଙ୍କ ହୃଦୟ ବିସ୍ମୟ, ଚମକ ଏବଂ ଆନନ୍ଦରେ ଭରିଗଲା । ସେ ଆଲୋକ ଯେ ଅସାଧାରଣ, ସେଥିରେ ସନ୍ଦେହର ଅବକାଶ ନ ଥିଲା ।

ବିସ୍ମିତ ରାଜା ମନ୍ତ୍ରୀଙ୍କୁ ନିଦରୁ ଉଠାଇଲେ ଓ ସେ ଆଲୋକ ଦେଖାଇଲେ । ମନ୍ତ୍ରୀ ଅତି ସ୍ୱାଭାବିକ ଭାବରେ କହିଲେ, "ମହାରାଜ, ମୁଁ ସନ୍ଧ୍ୟାବେଳେ ଆଖପାଖ ଲୋକଙ୍କଠୁଁ ଶୁଣିଥିଲି କି ସେ ପର୍ବତ ଉପରେ ଜଣେ ସନ୍ନ୍ୟାସୀ ରହନ୍ତି । ଶୀତ ରାତି । ସେ ନିଆଁ ଜାଳିଛନ୍ତି !"

"ମନ୍ତ୍ରୀ ! ତୁମକୁ ସେ ଆଲୋକ କିପରି ଲାଗୁଛି ?"

ରାଜାଙ୍କ ପ୍ରଶ୍ନରେ ବିସ୍ମିତ ହୋଇ ମନ୍ତ୍ରୀ କହିଲେ, "ମଣିମା ! ଶୁଖିଲା କାଠପତ୍ର ଜାଳିଲେ ନିଆଁ ଯେପରି ହେବା କଥା, ଏହା ସେହିପରି !" "ଆଚ୍ଛା, ଶୋଇବ ଯାଅ ।" କହିଲେ ରାଜା । ସେ ବୁଝିଲେ ଯେ ଆଲୋକର ଯେଉଁ ବିଶେଷତ୍ୱ ସେ ଦେଖୁଛନ୍ତି, ମନ୍ତ୍ରୀ ତାହା ଦେଖିପାରୁ ନାହାନ୍ତି ।

ପ୍ରଭାତ ହେଲା । ରାଜା ସନ୍ନ୍ୟାସୀଙ୍କୁ ଭେଟିବାର ଅନୁମତି ପ୍ରାର୍ଥନା କରି ଦୂତ ପଠାଇଲେ । ଦୂତ ଫେରିଆସି କହିଲେ, "ସନ୍ନ୍ୟାସୀ କହୁଛନ୍ତି କି, ତାଙ୍କୁ ଭେଟିବାକୁ ହେଲେ ରାଜା ଉପଯୁକ୍ତ ବେଶ ପକାଇ ଯିବା ଦରକାର ।"

"ଅବଶ୍ୟ !" କହି ରାଜା ତାଙ୍କର ରତ୍ନଖଚିତ ପୋଷାକ ଓ ପଗଡ଼ି ଲଗାଇ ବାହାରି ପଡ଼ିଲେ । ସେ ପର୍ବତ ଅଧା ଚଢ଼ିବା ବେଳକୁ ସନ୍ନ୍ୟାସୀଙ୍କର ଜଣେ ଚେଲା ଆସି କହିଲେ, "ଗୁରୁଦେବ ମଣିମାଙ୍କୁ ଦୂରରୁ ଦେଖିଛନ୍ତି । ସେ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସିବା ଦରକାର ।"

ରାଜା ନୀରବରେ ଶିବିରକୁ ଆସି ରତ୍ନପୋଷାକ ଉତାରି, ଜଣେ ସାଧାରଣ ନାଗରିକର ପୋଷାକ ପିନ୍ଧିଲେ ଓ ନିଜକୁ ନିଜେ କହିଲେ, "ବାସ୍ତବିକ୍ ରାଜ-ପୋଷାକରେ ସନ୍ନ୍ୟାସୀଙ୍କ ପାଖକୁ ଯିବାକୁ ବାହାରିବାଟା ବୋକାମି ଛଡା ଆଉ କ'ଣ !"

ସେ ପର୍ବତ ଚଢ଼ିବାକୁ ଆରମ୍ଭ କରନ୍ତେ ପୁଣି ଜଣେ ଚେଲା ଆସି କହିଲା, "ମହାରାଜ ! ଗୁରୁଦେବ କହୁଛନ୍ତି କି, ଆପଣ ଉପଯୁକ୍ତ ବେଶରେ ଆସନ୍ତୁ ।"

ରାଜା ଅଗତ୍ୟା ତମ୍ବୁକୁ ଫେରିଲେ ଓ ଏଥର ଗେରୁଆ ଲୁଗାପଟା ଯୋଗାଡ଼ କରି ପିନ୍ଧି, ପୁଣି ପର୍ବତ ଚଢ଼ିବାକୁ ଆରମ୍ଭ କଲେ ।

"ମହାରାଜ ! ଗୁରୁଦେବ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସନ୍ତୁ," ତୃତୀୟ ଚେଲାଟାଏ ତାଙ୍କୁ ଆସି କହିଲା ।



ରାଜା କାନ୍ଦ କାନ୍ଦ ଦେଖାଗଲେ । ମନ୍ତ୍ରୀ ତାଙ୍କ କାନରେ କହିଲେ, "ମହାରାଜ ! ସେ ଉଦ୍ଧତ ସାଧୁକୁ ଏହିକ୍ଷଣି ଧରି ଆଣି ଆପଣଙ୍କ ଆଗରେ ହାଜର କରିଦେବି !"

ରାଜା ଧୀର କଣ୍ଠରେ କହିଲେ, "ମନ୍ତ୍ରୀ ! କେତେ ରାଜା ମହାରାଜାଙ୍କୁ ବନ୍ଦୀ କରି ତ ମୋ ଆଗରେ ତମେ ଓ ସେନାପତି ହାଜର କରିଛ । ଜଣେ ନିରସ୍ତ୍ର, ନିର୍ବାକ୍ ସାଧୁଙ୍କୁ ଧରି ଆଣିବାରେ ବାହାଦୁରି କ'ଣ ?"

# ଲେଖକ ପରିଚୟ

ଶ୍ରୀ ମନୋଜ ଦାସ ଓଡିଆ ଭାଷା ସାହିତ୍ୟ ଜଗତରେ ଏକ ଅମ୍ଳାନ ପ୍ରତିଭା । ସେ ୧୯୩୪ ମସିହା ଫେବୃଆରୀ ମାସ  ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେ଼ମୀ ,ପଦ୍ମଶ୍ରୀ ,ପଦ୍ମବିଭୂଷଣ ,ଭଳି ବହୁ ପୁରସ୍କାରପ୍ରାପ୍ତ  ମନୋଜ ଦାସ ସମଗ୍ର ବିଶ୍ୱରେ ଖ୍ୟାତି ଲାଭ କରିଛନ୍ତି ।ଲେଖକଙ୍କ ରଚିତ  ଆରଣ୍ୟକ, ଦୂରଦୂରାନ୍ତର, ଲକ୍ଷ୍ମୀର ଅଭିସାର , ଅମୃତ ଫଳ ,ଉପକଥା ଶତକ ,ବିଷକନ୍ୟାର କାହାଣୀ, ସମୁଦ୍ରର କ୍ଷୁଧା ଭଳି ବହୁ ପୁସ୍ତକ ଓଡିଆ ଭାଷା ସାହିତ୍ୟ ଭଣ୍ଡାର କୁ କରିଛି ସରସ ,ସୁନ୍ଦର ମଧୁମୟ ଓ ସୁଧାମୟ। ଲେଖକ ମନୋଜ ଦାସ ମାତ୍ର କିଛି  ଦିନ ପୂର୍ବରୁ ଶେଷନିଶ୍ୱାସ ତ୍ୟାଗ   କରିଛନ୍ତି ।

ODM PUBLIC SCHOOL

# ଗୃହକର୍ମ

ବିଷୟଟିକୁ ଘରେ ପଢ ।

# LEARNING OUTCOME:

କମା ,ପୂର୍ଣ୍ଣଚ୍ଛେଦ ,ପ୍ରତି ଧ୍ୟାନ ଦେଇ ପଠନ ଅଭ୍ୟାସ ।

# THANKING YOU

# ODM EDUCATIONAL GROUP